# କଟକ ସିଟି





### ଏବିଆଇଟି କଲେଜ ପରୀକ୍ଷା କେନ୍ଦ୍ରରେ ଅବ୍ୟବସ୍ଥା

# ସନ୍ଦେହଘେରରେ ପରୀକ୍ଷା ପରିଚାଳକଙ୍କ ଭୂମିକା






କଟକ,୮ ।୬(ସମିସ):

ଓଡିଶା ଲୋକସେବା ଆୟୋଗ ଦ୍ୱାରା ଓଡିଶା ପ୍ରଶାସନିକ ସେବା(ଓପିଏସ୍‌ସି) ପରୀକ୍ଷା ସିଡିଏସ୍ଥିତ ଏବିଆଇଟି ଇଞ୍ଜିନିୟରିଂ କଲେଜରେ କରାଯାଉଥିବା ବେଳେ କପି କରୁଥିବା ଜଣେ ପରୀକ୍ଷାର୍ଥୀଙ୍କୁ ମର୍କତନଗର ଥାନା ପୁଲିସ ଗିରଫ କରିଛି । ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ବାହାରେ ରହି ସହଯୋଗ କରୁଥିବା ୩ଜଣ ସହଯୋଗୀଙ୍କୁ ମଧ୍ୟ ଗିରଫ କରାଯାଇଛି । ଅଭିଯୁକ୍ତମାନେ ହେଲେ ପରୀକ୍ଷାର୍ଥୀ ଅଭିଷେକ ରାଉତ(୨୯), ସହଯୋଗୀ ସୌମ୍ୟରଞ୍ଜନ ସାହୁ ଓ ରୂପେଶ ଝା' ଏବଂ ଆଲେକ୍ସ ରାଜ୍ ପାଣି । ଏମାନଙ୍କ ଜାମିନ୍ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି । ଓପିଏସ୍‌ସି ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ଏବିଆଇଟି ପରୀକ୍ଷା କେନ୍ଦ୍ରରେ ଏଭଳି ଅନୈତିକ କାର୍ଯ୍ୟକଳାପ ଚାଲୁଥିବାକୁ ନେଇ ପରୀକ୍ଷାର୍ଥୀଙ୍କ ମହଲରେ ଗଭୀର ଉଦବେଗ୍ ପ୍ରକାଶ ପାଇଛି । ତେବେ ଅଭିଯୁକ୍ତ ଅଭିଷେକ ପରୀକ୍ଷା କେନ୍ଦ୍ରକୁ କେମିତି ମୋବାଇଲ୍ ଫୋନ୍ ଓ ଇୟରବଡ୍ ନେଇ ପ୍ରବେଶ କରିଥିଲେ, ତାହାକୁ ନେଇ ପୁଲିସ ଖୋଳତାଡ଼ କରୁଛି । ପରୀକ୍ଷା କେନ୍ଦ୍ରର ପରିଚାଳକଙ୍କ ଭୂମିକା ଉପରେ ପ୍ରଶ୍ନ ଉଠିଛି । ସାଧାରଣ ଭାବେ ପରୀକ୍ଷାର୍ଥୀମାନେ କେନ୍ଦ୍ର ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ସେମାନଙ୍କୁ ଚେକିଂ କରାଯାଇଥାଏ । ଏହି ଯାଞ୍ଚ ପ୍ରକ୍ରିୟାରେ କେନ୍ଦ୍ର ପରିଚାଳକ ନେତୃତ୍ୱ ନେଇଥାଆନ୍ତି । କିନ୍ତୁ ଏଠାରେ ଅଭିଯୁକ୍ତ ପରୀକ୍ଷାର୍ଥୀଙ୍କୁ ଚେକିଂ କରାଯାଇନଥିବା ସ୍ପଷ୍ଟ ହେଉଛି । କେନ୍ଦ୍ରର ପରିଚାଳକ ଦୀର୍ଘ ୧୦ବର୍ଷ ଧରି କେନ୍ଦ୍ର ପରିଚାଳନା ଦାୟିତ୍ୱରେ ରହିଥିବା ବେଳେ ଅନେକ ସମୟରେ ସେ ଏଭଳି ବିଭ୍ରାଟ୍ କରୁଥିବା ଜାଣି ମଧ୍ୟ ତାଙ୍କୁ କେମିତି ଏବିଆଇଟି କଲେଜ କର୍ତ୍ତୃପକ୍ଷ ଦାୟିତ୍ୱରୁ ହଟାଇ ନାହାନ୍ତି, ତାହା ସନ୍ଦେହ ସୃଷ୍ଟି କରିଛି ।

ପୁଲିସ ସୂଚନା ଅନୁସାରେ, ମର୍କତନଗର ଥାନା ଅନ୍ତର୍ଗତ ଏବିଆଇଟି ଇଂଜିନିୟରିଂ କଲେଜରେ ଓପିଏସ୍‌ସି ପରୀକ୍ଷାର ସେଣ୍ଟର ହୋଇଥିଲା । ଉକ୍ତ ସେଣ୍ଟରରେ ଶତାଧିକ ଆଶାୟୀ ପରୀକ୍ଷା ଦେଉଥିଲେ । ତନ୍ମଧ୍ୟରେ ଚାଉଳିଆଗଞ୍ଜ ଅଞ୍ଚଳର ପରୀକ୍ଷାର୍ଥୀ ଅଭିଷେକ ପରୀକ୍ଷା ଦେଉଥିଲେ । ହଠାତ ସେଣ୍ଟର ମଧ୍ୟକୁ ଓପିଏସ୍‌ସି ସ୍କ୍ୱାଡ ଆସି ଯାଞ୍ଚ କରିଥିଲା । ଏହା ମଧ୍ୟରେ ଅଭିଷେକର ଗତିବିଧି ନେଇ ସ୍କ୍ୱାଡକୁ ସନ୍ଦେହ ହୋଇଥିଲା । ତେଣୁ ସ୍କ୍ୱାଡ ସେଠାରେ ଯାଞ୍ଚ କରିବାରୁ ଅଭିଷେକର କାନରୁ ଏକ ଇଅରବଡ ଓ ଅନ୍ତଃବସ୍ତ୍ରରୁ ଏକ ସ୍ମାର୍ଟଫୋନ ମିଳିଥିଲା । ଏହି ସମୟରେ ଏକ କଲ ଚାଲିଥିଲା । ଜଣେ ଯୁବକଙ୍କ ସହିତ ଅଭିଷେକ ଫୋନ୍ କଲ୍‌ରେ ରହିଥିଲା । ସ୍କ୍ୱାଡ ସଦସ୍ୟ ତୁରନ୍ତ ତାକୁ ସେଣ୍ଟରରୁ କାଢିଦେଇ ପୁଲିସର ଜିମା ଦେଇଥିଲା । ଅଭିଯୁକ୍ତକୁ ଯେଉଁ ନମ୍ବରରୁ ଫୋନ ଆସିଥିଲା ତାର ଲୋକେସନ ବେଲିଭିଉ ଛକ ଦେଖାଇଥିଲା । ପୁଲିସ ସେଠାରୁ ଚଢଉ କରି ୩ ସହଯୋଗୀ ଯୁବକଙ୍କୁ ଗିରଫ କରିଥିଲା । ସମ୍ପୃକ୍ତ ୩ଜଣ ସହଯୋଗୀଙ୍କୁ ଥାନାକୁ ନେଇ ଜେରା କରିବା ପରେ ସଂପୂର୍ଣ୍ଣ ଘଟଣାର ପର୍ଦ୍ଦାଫାସ ହୋଇଥିଲା । ଦୀର୍ଘ ଦିନ ହେବ ଅଭିଷେକ ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିଲା । ତେଣୁ ସେ ଏଭଳି ପନ୍ଥା ଆପଣାଇଥିବା ସ୍ୱୀକାର କରିଛି । ତେବେ ଉକ୍ତ ଯୁବକଙ୍କ ହ୍ୱାଟର୍ସଆପ ଚାଟ ଦେଖିବାରୁ ଏହି କପି କରିବା ବିଷୟ ଅନ୍ୟ ୩ ଜଣ ସହଯୋଗୀ ପୂର୍ବରୁ ଜାଣିଥିବା ବିଷୟ ସାମ୍ନାକୁ ଆସିଥିଲା । ଅଭିଯୁକ୍ତଙ୍କ ଠାରୁ ମର୍କତନଗର ଥାନା ପୁଲିସ ୪ଟି ଫୋନ, ଗୋଟିଏ ୟଅରବଡ ଓ ଅନ୍ୟ କିଛି ଜିନିଷପତ୍ର ଜବତ କରିଛି । ଅନ୍ୟପକ୍ଷରେ ଏ ସମ୍ପର୍କରେ ଏବିଆଇଟି ଅଧକ୍ଷାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ ।

- ଓପିଏସ୍‌ସି ପରୀକ୍ଷାରେ କପି କରି ଜେଲ୍ ଗଲେ ପରୀକ୍ଷାର୍ଥୀ ଓ ୩ ସହଯୋଗୀ
- ପରୀକ୍ଷା କେନ୍ଦ୍ରରୁ ଅଭିଯୁକ୍ତ ପରୀକ୍ଷାର୍ଥୀକୁ ଧରି ପୁଲିସର ଜିମା ଦେଲେ ଓପିଏସ୍‌ସି ସ୍କ୍ୱାଡ୍
- ଭିତରକୁ କେମିତି ଗଲା ମୋବାଇଲ୍ ଓ ଇୟର୍‌ବଡ୍?

## ସେଣ୍ଟ ଜାଭିଅର୍ସ ହାଇସ୍କୁଲରେ ମଡେଲ ୟୁନାଇଟେଡ ନେସନ୍‌ର ଦ୍ୱିତୀୟ ସଂସ୍କରଣ



କଟକ,୮।୬(ସମିସ): ମିଶନ ରୋଡ୍ ସ୍ଥିତ ସେଣ୍ଟ ଜେଭିଅର୍ସ ହାଇସ୍କୁଲରେ ମଡେଲ ୟୁନାଇଟେଡ ନେସନର (ଏମୟୁଏନ) ଦ୍ୱିତୀୟ ସଂସ୍କରଣ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମଟି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରୂପା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ବିଶ୍ୱ ସମସ୍ୟା ସମ୍ପର୍କରେ ସଚେତନ ହେବା, ନେତୃତ୍ୱ ଗୁଣ ବିକାଶ କରିବା ଏବଂ ଆନ୍ତର୍ଜାତୀୟ ସହଯୋଗର ମହତ୍ତ୍ୱ ବୁଝିବା ପାଇଁ ଉତ୍ସାହିତ କରିଥିଲେ । ସେ କହିଥିଲେ ଯେ ମୁନ୍ ଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗାଯୋଗ କୌଶଳ, ତର୍କଶକ୍ତି ଓ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଏହି କାର୍ଯ୍ୟକ୍ରମ ଦୁଇ ଦିନ ଚାଲିଥିଲା । ଦିନବେଳା ବିଭିନ୍ନ ପ୍ରକାର ବିଶ୍ୱସ୍ତରୀୟ ଦଳୀୟ ଆଲୋଚନା ଓ ରାତ୍ରି ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ଭୁବନେଶ୍ୱର ଓ କଟକରୁ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୦୦ ପିଲା ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସେଣ୍ଟ ଜାଭିୟର ଏଜୁକେସନାଲ୍ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଭୁ ଚରଣ ମହାନ୍ତି, ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ୬ ହଜାର ଟଙ୍କା ଓ ୨୨ଟି ଟ୍ରଫି ପ୍ରଦାନ କରିଥଲେ । ଛାତ୍ରଛାତ୍ରୀ ଏବଂ ଅତିଥିମାନଙ୍କ ଉପସ୍ଥିତିରେ ଉଦଘାଟନୀ ସମାରୋହ ସଫଳତାର ସହିତ ସମାପ୍ତ ହୋଇଥିଲା ।

## ରନ୍ଧନ ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ଏସୟୁସିଆଇର ବିକ୍ଷୋଭ




କଟକ,୮।୬(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୨୯ ଟଙ୍କା ମୂଲ୍ୟ ବୃଦ୍ଧି କରାଯିବା ପ୍ରତିବାଦରେ ଆଜି କଟକରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ତେଲ ଓ ଗ୍ୟାସର କ୍ରମାଗତ ଦରବୃଦ୍ଧି ଯୋଗୁଁ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦର ବଢ଼ି ସାଧାରଣ ଲୋକଙ୍କ ସ୍ଥିତି ସଙ୍ଗୀନ ହେଉଥିବା ନେଇ ଦଳ ଅଭିଯୋଗ କରିଛି । ଗ୍ୟାସର ବର୍ଦ୍ଧିତ ମୂଲ୍ୟ ତୁରନ୍ତ କମାଇବାକୁ ଦାବି କରି ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ ଓ ବବି ବଳବନ୍ତରାୟଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀମାନେ ପ୍ରତିବାଦ କରିବା ସହ ଦରବୃଦ୍ଧି ବିରୋଧରେ ଗଣଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି ।

## ଅନ୍ଧବିଶ୍ୱାସ ନିବାରଣ ସଚେତନତା ଶିବିର



କଟକ,୮।୬(ସମିସ): ଅନ୍ଧବିଶ୍ୱାସର ଦୂରୀକରଣ ପାଇଁ ଟାଙ୍ଗୀ-ଚୌଦ୍ୱାର ବ୍ଲକର ମଙ୍ଗରାଜପୁର ଗ୍ରାମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳ ଅତିରିକ୍ତ ଏସପି ମିନାକ୍ଷୀ ଠାକୁର ଏଥିରେ ଯୋଗଦେଇ ଓଡ଼ିଶା ଡାହାଣୀ ଶିକାର ନିରାକରଣ ଆଇନ-୨୦୧୩ ବିଷୟରେ ସୂଚନା ଦେବା ସହ କାହାକୁ ନିର୍ଯାତନା ଦେବା ବା ସାମାଜିକ ବାସନ୍ଦ କରିବା ଆଇନଗତ ଅପରାଧ ବୋଲି କହିଥିଲେ । ବିଷୟ ବିଶେଷଜ୍ଞ ଦେବେନ୍ଦ୍ର ସୁତାର ଅଲୌକିକ ଆଚରଣକୁ ଏକ ମାନସିକ ରୋଗ ଦର୍ଶାଇ ଗୁଣିଆ ପାଖକୁ ନଯାଇ ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥିଲେ । ସରପଞ୍ଚ ଦେବେନ୍ଦ୍ରନାଥ ପାଣ୍ଡବ, ସିଡିପିଓ ସୌଦାମିନୀ ପଣ୍ଡା ଓ ମେଡିକାଲ ଅଫିସର ଡ. ନିର୍ମଳ ସାହୁଙ୍କ ଉପସ୍ଥିତିରେ ଜିଲ୍ଲା ସୂଚନା ଅଧିକାରୀ ସ୍ୱାଗତିକା ବେହେରା ସଭା ପରିଚାଳନା କରିଥିଲେ ।

## ଡିସିପିଙ୍କୁ ହିନ୍ଦୁ ସେନାର ଦାବି

କଟକ,୮ ।୬(ସମିସ): କଟକ କମିସନରେଟ୍ ପୁଲିସ ଅଞ୍ଚଳରେ ଗୋରୁ ଚୋରି ହେଉଥିବା ଘଟଣା ଏବେ ଚିନ୍ତା ବଢ଼ାଇ ଦେଇଛି । ସିଡିଏ, ବିଡ଼ାନାସୀ, ଶେଖ ବଜାର, ଅଲିଶା ବଜାର, ତେଲେଙ୍ଗାବଜାର, ହଜାରିଲେନ ଇତ୍ୟାଦି ଅଞ୍ଚଳରେ ଗୋରୁ ନିଖୋଜ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି । ଦାମୀ ଗାଡ଼ିରେ ଗୋରୁ ମାଫିଆମାନେ ଉକ୍ତ ଅଞ୍ଚଳକୁ ଆସି ଗୋରୁ ଚୋରି କରିନେଉଥିବା ଘଟଣାରେ ହିନ୍ଦୁସେନା ପକ୍ଷରୁ କଟକ ଡିସିପିଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରାଯାଇଛି । ପାଟ୍ରୋଲିଂ ବ୍ୟବସ୍ଥା ଉକ୍ତ ଅଞ୍ଚଳରେ କଡାକଡି କରିବାକୁ ଦାବି ହୋଇଛି । ଡିସିପିଙ୍କୁ ଦାବିପତ୍ର ପ୍ରଦାନ ବେଳେ ଦେବାଶିଷ ରାଉତ, ଆଶିଷ ମହାପାତ୍ର, ସୁଜିତ ଦାସ, ଅଖିଳ ମୂଳିଆ, ଶୁଭମ ନାୟକ, ଦୀପକ ନାୟକ, ସୁଜିତ ଶାସମଲ, ଦେବବ୍ରତ ମହାନ୍ତି, ରାଜା ନାୟକ, ବିଜୟ ରାଉତ, କାର୍ତ୍ତିକ ସାହୁ,ନରେନ୍ଦ୍ର ଦାସ, ନିଖିଳ ମୂଳିଆ, ଅକ୍ଷୟ କୁମାର ଦାସ, ସନ୍ତୋଷ ସାହୁ, ମିଥୁନ ବେହେରା, ପବିତ୍ର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ ।

### ➤ ମାଲ୍‌ବାହୀ ଟ୍ରକ୍ ଅଟୋ ଉପରେ ଓଲଟିବା ଘଟଣା

## ଆହତ ଡ୍ରାଇଭର୍ ଗିରଫ

କଟକ,୮ ।୬(ସମିସ): ମଧୁପାଟଣା ମାଛମାର୍କେଟ୍ ନିକଟରେ ଗତକାଲି ଆନ୍ଧ୍ରପ୍ରଦେଶରୁ ଆସୁଥିବା ଏକ ଧାନ ବିହନ ବୋଝେଇ ଟ୍ରକ ଓଲଟିବା ଘଟଣାରେ ଅଭିଯୁକ୍ତ ଡ୍ରାଇଭରକୁ ଗିରଫ କରାଯାଇଛି । ଅଭିଯୁକ୍ତ ଡ୍ରାଇଭର ହେଉଛି ଭଦ୍ରକ ଜିଲ୍ଲା ବାଁଶଡ଼ା ଥାନା ଝାଡ଼କାଟିର ପ୍ରତାପ ଗୁଡ଼ିଆ(୨୫) । ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ଧାନ ବିହନ ଜବତ କରିଛି । ଏହି ଦୁର୍ଘଟଣାରେ ଏବେ ଅଟୋ ଚାଳକ ଗୁରୁତର ହୋଇ କଟକ ବଡ଼ଡାକ୍ତରଖାନାରୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟ ତିନି ଜଣ ଯାତ୍ରୀ ଏବେ ବି କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପୁଲିସ ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶରୁ ଏକ ଧାନ ବିହନ ବୋଝେଇ ଟ୍ରକ ଖପୁରିଆକୁ ରବିବାର ରାତି ପ୍ରାୟ ୭ଟା ୩୦ ବେଳେ ପ୍ରତାପ ଫେରୁଥିଲା । ମଧୁପାଟଣା ଓଭରବ୍ରିଜ ତଳେ ଗାଡ଼ି ଓଲଟିପଡ଼ିବାରୁ ଗାଡ଼ି ତଳେ ଅଟୋ ଚାଳକ ଭୁବନେଶ୍ୱର ଭୀମଟାଙ୍ଗୀର ମାଧବ ଚନ୍ଦ୍ର କର, ଯାତ୍ରୀ କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ନୂଆରମ୍ଭାସର ଦୁର୍ଗା ଦାସ, ତାଙ୍କ ନାବାଳିକା ଝିଅ ଜ୍ଞାନେଶ୍ୱରୀ ଜେନା, ଗଞ୍ଜାମ ଜିଲ୍ଲା ଗୋପାଳପୁର ଥାନା ଦୁରାବାହାଦୁରପେଟାର ପି ନିର୍ମଳା ରେ‡ାଙ୍କୁ ମଧୁପାଟଣା ଥାନା ପୁଲିସ ଓ ଟ୍ରାଫିକ ଥାନା ପୁଲିସ ତୁରନ୍ତ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲା । କିନ୍ତୁ ମାଧବଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ନିର୍ମଳାଙ୍କ ପାଦରେ ଗଭୀର କ୍ଷତ ହୋଇଥିବା ବେଳେ ଦୁର୍ଗାଙ୍କ ହାତ ଓ ତାଙ୍କ ଝିଅର ସାମାନ୍ୟ ଆଘାତ ଲାଗିଛି ।

## ହରିପୁର ଚନ୍ଦନ ପୋଖରୀର ପୁନରୁଦ୍ଧାର ଭିତ୍ତିପ୍ରସ୍ତର ସ୍ଥାପନ



କଟକ,୮।୬(ସମିସ): ସ୍ଥାନୀୟ ୱାର୍ଡ ନମ୍ବର ୨୪ ଅନ୍ତର୍ଗତ ହରିପୁର ଚନ୍ଦନ ପୋଖରୀର ସୌନ୍ଦର୍ଯ୍ୟକରଣ ଏବଂ ଏହାର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଆଜି ବିଧିବଦ୍ଧ ଭାବେ ଶିଳାନ୍ୟାସ ଉତ୍ସବ ସମ୍ପନ୍ନ ହୋଇଯାଇଛି । ସ୍ଥାନୀୟ କର୍ପୋରେଟର ଦିପ୍ତିମୟୀ ମୂଳିଆଙ୍କ ନିରନ୍ତର ପ୍ରୟାସ ଏବଂ ସ୍ୱତନ୍ତ୍ର ପଦକ୍ଷେପ ଯୋଗୁଁ ଏହି ପ୍ରକଳ୍ପ ପାଇଁ ୨୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହା ଆଗାମୀ ଦିନରେ ଏହି ଐତିହାସିକ ପୋଖରୀର ରୂପରେଖ ବଦଳାଇବାରେ ସହାୟକ ହେବ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଇଷ୍ଟକୋଷ୍ଟ ରେଲୱେ ପରାମର୍ଶଦାତା ଡ. ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ । ଏଥି ସହ ସାହିର ଅଧିକାରୀ ହରେକୃଷ୍ଣ ପ୍ରଧାନ, କ୍ଷୀରୋଦ ମହାରଣା, ମହନ୍ତ ସନାତନ ସ୍ୱାଇଁ, କଟୁଆଳ ହରେକୃଷ୍ଣ ମୂଳିଆ, ମୁରବୀ ଗୋବିନ୍ଦ ମୂଳିଆ, ଲିଙ୍ଗରାଜ ହାତୀ, ବାସୁଦେବ ବେହେରା, ରାଜ କିଶୋର ମୂଳିଆ, ବାଉରୀବନ୍ଧୁ ପରିଡ଼ା, କାବୁଲି ମୂଳିଆ ଏବଂ ସତୀଶ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଯନ୍ତ୍ରୀ ନୟୀମ ଖାନ୍, ୱାର୍ଡ ସରକାର ବିଶ୍ୱନାଥ ଦାସ, ସ୍ଥାନୀୟ ପୂଜା କମିଟିର ସମ୍ପାଦକ ବିକ୍ରମ ଛାଟୋଇ, କର୍ମକର୍ତ୍ତା ପ୍ରମୋଦ ମହାରଣା, ସଞ୍ଜୟ ପ୍ରଧାନ, ରଞ୍ଜିତ ମୂଳିଆ, ବିନୋଦ ମୂଳିଆ, ଶଙ୍କର ମହାରଣା, ସତ୍ୟ ରଞ୍ଜନ ମହାରଣା, ପ୍ରସନଜିତ୍ ସ୍ୱାଇଁ ଏବଂ ସଦସ୍ୟ ପ୍ରଭାତ ମୂଳିଆଙ୍କ ସମେତ ସାହିର ଶତାଧିକ ବାସିନ୍ଦା ଉପସ୍ଥିତ ରହିଥିଲେ ।

## ବିଦ୍ୟାଧରପୁରରେ ରାମଲୀଳା ମହୋତ୍ସବ ଉଦ୍‌ଯାପିତ



କଟକ,୮ ।୬(ସମିସ): ବିଦ୍ୟାଧରପୁରର ପ୍ରସିଦ୍ଧ ରାମଲୀଳା ରାମଲୀଳା ମଣ୍ଡପ ଠାରେ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଧରପୁର ରାମଲୀଳା ପ୍ରଚାର ସମିତି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ରାମଲୀଳା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଅତିଥି ଭାବରେ ଯୋଗଦେଇ କହିଲେ ଆଧୁନିକ ଯୁଗରେ ରାମଲୀଳା ସଂସ୍କୃତି ଦିନକୁ ଦିନ ହଜିଯାଉଛି । ମାତ୍ର ବିଦ୍ୟାଧରପୁର ରାମଲୀଳା ପ୍ରଚାର ସମିତି ଏହି ସଂସ୍କୃତି ଓ ପରମ୍ପରା କୁ ବଜାୟ ରଖିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତ୍ୟହ ସନ୍ଧ୍ୟାରେ ରାମ ଲକ୍ଷ୍ମଣ ନୃତ୍ୟ ପରେ ସ୍ୱର୍ଗତ ଅଲେଖ ଚନ୍ଦ୍ର ସାହୁ ଏବଂ ସ୍ୱର୍ଗତ ମନମୋହନ ଚାଟାର୍ଜୀଙ୍କ ଲିଖିତ 'ବାଳୀ ବଧ', ଏବଂ ଦ୍ୱିତୀୟ ରାତ୍ରିରେ 'ବୈଦେହୀ ସନ୍ଧାନ' ନାଟକ ପରିବେଷଣ କରାଯାଇଥିଲା । ଏହାକୁ ତାପସ କୁମାର୍ ଲେଙ୍କା ଓ ପ୍ରାଣକୃଷ୍ଣ ଓଝା ନିର୍ଦ୍ଦେଶନା ଦେଇଥିଲେ । ବାଦ୍ୟଯନ୍ତ୍ରରେ ସହଯୋଗ କରିଥିକେ ଅଶୋକ କୁମାର ସାହୁ, ସନ୍ତୋଷ ମହାରଣା,ହରେକୃଷ୍ଣ ମହାରଣା, ରମେଶ ମହାରଣା ।ଏହି କାର୍ଯ୍ୟ କ୍ରମରେ ବାରବାଟି କଟକ ବିଧାୟିକା ସୋଫିଆ ଫିର୍ଦୋସ୍ ,ପୂର୍ବତନ ବିଧାୟକ ଡକ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳ କର୍ପୋରେଟର ବିଶ୍ୱାବନ୍ଦିତା ପଣ୍ଡା, ସିଆରଆରଆଇ ଥାନା ଅଧିକାରୀ ପିଟି ଗଣେଶ ସାହୁଙ୍କ ସମେତ ବିଦ୍ୟାଧରପୁର ରାମଲୀଳା ପଚାର ସମିତିର ସଭାପତି ଜୟନ୍ତ କୁମାର ଓଝା, ସାଧାରଣ ସମ୍ପାଦକ ଅଜୟ କୁମାର ମହାରଣା, ପୂଜା କମିଟିର ସମ୍ପାଦକ ସୁନୀଲ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଦୀପ୍ତ କୁମାର ପଣ୍ଡା, ନାରାୟଣ ସାହୁ, ବିଦ୍ୟାଧର ଜେନା, ଲକ୍ଷ୍ମୀଧର ସାହୁ, ନବକିଶୋର ଲେଙ୍କା, ପ୍ରଭାକର ସାହୁ, କୈଳାଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## କଟକ ଜିଲ୍ଲା ଆର୍ଚେରୀ ଆସୋସିଏସନ୍ ପରିଚାଳନା କମିଟିର ବୈଠକ




କଟକ,୮ ।୬(ସମିସ): କଟକ ଜିଲ୍ଲା ଆର୍ଚେରୀ ଆସୋସିଏସନ ପରିଚାଳନା କମିଟିର ବାର୍ଷିକ ସାଧାରଣ ପରିଷଦର ବୈଠକ ଏବଂ କାଉନସିଲ ବୈଠକ ବାରବାଟୀ ଷ୍ଟାଡିୟମ ସ୍ଥିତ ସଂଘର କାର୍ଯ୍ୟାଳୟ ଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ପରୀକ୍ଷିତ ମହାରଣା ଉଭୟ ବୈଠକରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ ସଂଘର ସାଙ୍ଗଠନିକ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଏଥିସହିତ କଟକ ଜିଲ୍ଲା ଆର୍ଚେରୀ ଆସୋସିଏସନର ୨୦୨୬-୨୭ ଇଏଏମ ୨୦୨୭-୨୮ ବର୍ଷ ପାଇଁ ପ୍ରସ୍ତାବିତ ବଜେଟ ଉପସ୍ଥାପନ କରାଯାଇଛି । ବଜେଟ ଉପସ୍ଥାପନ ପରେ ସର୍ବସମ୍ମତି କ୍ରମେ ବଜେଟ ଗୃହୀତ ହୋଇଥିଲା । ୨୦୨୬-୨୭ ବର୍ଷ ପାଇଁ ୩ଲକ୍ଷ ୧୦ ହଜାର ୧୦୦ ଟଙ୍କ ବଜେଟ ଉପସ୍ଥାପନ କରାଯାଇଛି । ସେହିଭଳି ୨୦୨୭-୨୮ ବର୍ଷ ପାଇଁ ପ୍ରସ୍ତାବିତ ବଜେଟ ଉପସ୍ଥାପାନ କରାଯାଇଛି । ଆସନ୍ତା ଅଗଷ୍ଟ ମାସରେ ଏବଂ ଅକ୍ଟୋବର ମାସରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଆର୍ଚେରୀ ପ୍ରତିଯୋଗିତାରେ କଟକ ଜିଲ୍ଲା ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଚଳିତବର୍ଷ ଫେବୃଆରୀ ମାସରେ ସୁନ୍ଦରଗଡ ଜିଲ୍ଲାରେ ଅନୁଷ୍ଠିତ ୨୬ତମ ରାଜ୍ୟ ଆର୍ଚେରୀ ପ୍ରତିଯୋଗିତାରେ କଟକ ଜିଲ୍ଲାରୁ ନାମସୀ ମୁଣ୍ଡା, ରଶ୍ମି ରଞ୍ଜନ ସେଠି, ଉଜ୍ଜୟିନୀ କେସରୀ କଟକ ଜିଲ୍ଲାରୁ ପ୍ରତିନିଧିତ୍ୱ କରି ପଦକ ହାସଲ କରିଥିବାରୁ ଏଥିପାଇଁ ଖେଳାଳୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । ସେହିଭଳି କଟକ ଜିଲଲାଲ ତୀରନ୍ଦାଜ ସଂଘ ଆୟୋଜନରେ କୁରାଙ୍ଗଶାସନ ତୀରନ୍ଦାଜ ପ୍ରତିଯୋଗିତା ସଫଳତା ସହ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ସ୍ଥାନୀୟ ସିଦ୍ଦେଶ୍ୱର କ୍ରୀଡା କ୍ଲବ ଏବଂ ଜିନ୍ଦଲ ଷ୍ଟିଲକୁ କୃତଜ୍ଞତା ଅର୍ପଣ କରାଯାଇଛି । କଟକ ଜିଲ୍ଲା ଆର୍ଚେରୀ ସଂଘର ସାଧାରଣ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ସଂଘର ଏକ ବିବରଣୀ ଉପସ୍ଥାପନ କରିଥିଲେ । କଟକ ଜିଲ୍ଲା ଆର୍ଚେରୀ ସଂଘ ପକ୍ଷରୁ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ ଠାରେ ଅଭିଜ୍ଞ କୋଚଙ୍କ ମାଧ୍ୟମରେ ତୃଣମୂଳ ସ୍ତରରୁ ଧନୁର୍ଦ୍ଧର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । କଟକ ଜିଲ୍ଲା ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗୀତା ଆୟୋଜନ କରି ଏକ ସ୍ୱୀକୃତି ହାସଲ କରିଥିଲେ । ତୃଣମୂଳ ସ୍ତରରୁ ଧନୁର୍ଦ୍ଧର କ୍ରୀଡାର ବିକାଶ ଉପରେ ବୈଠକରେ ଗୁରୁତ୍? ଦିଆଯାଇଛି । ସଂଘର ବରିଷ୍ଠ ସଦସ୍ୟ ସୁଘୋଷ ଦାସ, ଭୂଧର ମିଶ୍ର, ଶକ୍ତିରାଜ ଦାଶ, ଅର୍ପିତା ଦାସ, ସାରଦା ପ୍ରସାଦ ଦାସ, ନଳିନୀକାନ୍ତ ବେଉରା, ଯତୀନ ଦତ୍ତ, ଜଟାଧାରୀ ରାଉତ, ସୁଭାଶିଷ କର, ଦେବାଶିଷ ଦାସ ପ୍ରମୁଖ ଦଳର ସାଙ୍ଗଠନିକ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ । ସଂଘର ମୁଖ୍ୟ ପରାମର୍ଶଦାତା ଶ୍ରୀ ଶ୍ରଦ୍ଧାନନ୍ଦ ଦାସ କେତେକ ପ୍ରସ୍ତାବ ସମ୍ପର୍କରେ ପରାମର୍ଶ ଦେଇଥିଲେ । ନନ୍ଦକିଶୋର ଜେନା ଧନ୍ୟବାଦ ଦେଇଥିଲେ ।

### ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା

# ଫେରାର୍ ପ୍ରେମିକକୁ ଖୋଜୁଛି ପୁଲିସ

କଟକ,୮ ।୬(ସମିସ)

କଟକ କାଠଯୋଡ଼ି ନଦୀରୁ ମୟୂରଭଞ୍ଜ ଉଦଳା ଅଞ୍ଚଳର ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ଘଟଣାରେ ଏବେ ନୂଆ ମୋଡ଼ ଆସିଛି । ଏହି ମାମଲାର ପର୍ଦ୍ଦାଫାସ୍ କରିବା ପାଇଁ କଟକ କମିଶନରେଟ୍ ପୁଲିସ ତନାଘନା ଜାରି ରଖିଥିବା ବେଳେ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନେଦଓ ସୂଚନା ଦେଇ କହିଛନ୍ତି ଯେ ଫେରାର୍ ଥିବା ଚନ୍ଦ୍ରିକାଙ୍କ ଓଏଏସ୍ ପ୍ରେମିକକୁ ଖୋଜିବା ପାଇଁ ପୁଲିସ ପକ୍ଷରୁ ୨ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ତଦନ୍ତକାରୀ ଦଳକୁ ମିଳିଥିବା ସୂଚନା ମୁତାବକ, ଘଟଣା ଦିନ ଚନ୍ଦ୍ରିକା ଭୁବନେଶ୍ୱରରୁ ଏକ ଓଲା ଗାଡ଼ି ଭଡ଼ା କରି କଟକ ଉପକଣ୍ଠ ତ୍ରିଶୂଳିଆ ପର୍ଯ୍ୟନ୍ତ ଆସିଥିଲେ । ଏହି ତଥ୍ୟ ସାମ୍ନାକୁ ଆସିବା ପରେ ପୁଲିସ ତ୍ରିଶୂଳିଆ ବଜାର ଏବଂ ଏହାର ଆଖପାଖ ଅଞ୍ଚଳରେ ଲାଗିଥିବା ସମସ୍ତ ସିସିଟିଭି ଫୁଟେଜ୍ ଜବତ କରି ଯାଞ୍ଚ ଚଳାଇଛି । ଏଥିସହ ଚନ୍ଦ୍ରିକାଙ୍କ ମୋବାଇଲ୍ ଫୋନ୍‌କୁ ଜବତ କରାଯାଇ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ତାଙ୍କ ମୋବାଇଲ୍‌ରୁ ମିଳିବାକୁ ଥିବା ଏସ୍‌ଏମ୍‌ଏସ୍ ଓ ହ୍ୱାଟସ୍-ଆପ୍ ଚାଟିଂରୁ ହତ୍ୟାକାଣ୍ଡର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମିଳିବ ବୋଲି ଡିସିପି କହିଛନ୍ତି ।

ଏହି ଘଟଣା ସହ ପରୋକ୍ଷରେ ସମ୍ପୃକ୍ତ ଥିବା ଅନ୍ୟ ସନ୍ଦିଗ୍ଧମାନଙ୍କ ଉପରେ ମଧ୍ୟ ପୁଲିସ ନଜର ରଖିଛି । ଅନ୍ୟପକ୍ଷରେ, ଚନ୍ଦ୍ରିକାଙ୍କ ମାମୁଁ ପୁଅ ଭାଇ ଭଗବାନ ହାଁସଦାଙ୍କ ଠାରୁ ଏହି ଘଟଣା ସମ୍ପର୍କରେ ଚାଞ୍ଚଲ୍ୟକର ତଥ୍ୟ ମିଳିଛି । ସେ କହିଛନ୍ତି ଯେ ତାଙ୍କ ଭଉଣୀ ଚନ୍ଦ୍ରିକା ସବୁବେଳେ ଭାରି ହସଖୁସିରେ ରହୁଥିଲେ । ଘଟଣାର କିଛି ଦିନ ପୂର୍ବରୁ ସେ ଭୁବନେଶ୍ୱର ଯାଇଥିବା ବେଳେ ଦୁହେଁ ମିଶି ଫିଲ୍ମ ଦେଖିବାକୁ ଯିବେ ବୋଲି ଯୋଜନା କରିଥିଲେ । ମାତ୍ର ସେଦିନ ଚନ୍ଦ୍ରିକା ଅତ୍ୟନ୍ତ ଦୁଃଖରେ ବସିଥିଲେ । ଯେତେବେଳେ ଭାଇ ଭଗବାନ ଏହାର କାରଣ ପଚାରିଥିଲେ, ଚନ୍ଦ୍ରିକା ବହୁତ ଗମ୍ଭୀର ହୋଇ କହିଥିଲେ ଯେ, ଜୀବନରେ କାହାକୁ ସହଜରେ ବିଶ୍ୱାସ କରିବା କଥା ନୁହେଁ । କେବଳ ସେତିକି ନୁହେଁ, ନିଜ ନିର୍ବନ୍ଧ ଓ ବାହାଘରକୁ ନେଇ ବେଶ୍ ଉତ୍ସାହିତ ଥିବା ଚନ୍ଦ୍ରିକା କେମିତି ବିବାହ ଉତ୍ସବ ହେବ, ସେନେଇ ଭାଇଙ୍କ ସହ ଆଲୋଚନା ମଧ୍ୟ କରୁଥିଲେ । ସେ ଅନେକ ସମୟରେ ତାଙ୍କର ସେହି ଓଏଏସ୍ ପୁରୁଷ ବନ୍ଧୁଙ୍କ ସହିତ ଭୁବନେଶ୍ୱରର ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଉଥିବା କଥା ମଧ୍ୟ ଭାଇ ସ୍ୱୀକାର କରିଛନ୍ତି । ଭଉଣୀ କଦାପି ଆତ୍ମହତ୍ୟା କରିପାରିବ ନାହିଁ । ସେ ସିଧାସଳଖ ଅଭିଯୋଗ ଆଣିଛନ୍ତି ଯେ, ଚନ୍ଦ୍ରିକାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ପ୍ରମାଣ ନଷ୍ଟ ପାଇଁ ଶବକୁ କାଠଯୋଡ଼ି ନଦୀରେ ଫିଙ୍ଗି ଦିଆଯାଇଛି ।

ମୋବାଇଲ୍ କଲ୍ ଡିଟେଲ୍ସ ରେକର୍ଡ ଅନୁଯାୟୀ, ମୃତଦେହ ମିଳିବାର ପୂର୍ବ ରାତି ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ, ଯେତେବେଳେ ଚନ୍ଦ୍ରିକା ତ୍ରିଶୂଳିଆ ଅଞ୍ଚଳରେ ଥିଲେ, ସେ ତାଙ୍କ ଓଏଏସ୍ ପ୍ରେମିକଙ୍କ ସହ ଦୀର୍ଘ ୧୦ ମିନିଟ୍ ପର୍ଯ୍ୟନ୍ତ ଫୋନ୍‌ରେ କଥା ହୋଇଥିଲେ । ଏହା ହିଁ ଥିଲା ଚନ୍ଦ୍ରିକାଙ୍କ ଜୀବନର ଶେଷ କଲ୍ ଏବଂ କଲ୍ କଟିବା ପରେ ତାଙ୍କ ଫୋନ୍ ସବୁଦିନ ପାଇଁ ସୁଇଚ୍ ଅଫ୍ ହୋଇଯାଇଥିଲା । ସମ୍ଭବତଃ ଏହି ଶେଷ କଲ୍ ପରେ ହିଁ ଚନ୍ଦ୍ରିକାଙ୍କ ସହ କୌଣସି ଜଘନ୍ୟ ଅଘଟଣ ଘଟିଥିବା ପୁଲିସ ସନ୍ଦେହ କରୁଛି । ସବୁଠାରୁ ଆଶ୍ଚର୍ଯ୍ୟଜନକ ପ୍ରସଙ୍ଗ ହେଉଛି, ଚନ୍ଦ୍ରିକାଙ୍କ ସହ କଥାବାର୍ତ୍ତା ଶେଷ ହେବା ମାତ୍ରେ ଉକ୍ତ ଓଏଏସ୍ ବାବୁ ଜଣକ ତୁରନ୍ତ ଭୁବନେଶ୍ୱରରେ ରହୁଥିବା ତାଙ୍କର ଆଉ ଜଣେ "ନୂଆ ପ୍ରେମିକା'ଙ୍କୁ ଫୋନ୍ କରି ପ୍ରାୟ ୫ ମିନିଟ୍ ପର୍ଯ୍ୟନ୍ତ କଥା ହୋଇଥିଲେ । ବାରଙ୍ଗ ଥାନା ପୁଲିସ ଏହି ନୂଆ ପ୍ରେମିକାଙ୍କୁ ଆଣି ଜେରା କରିଥିବା ବେଳେ ସେ ଦୁହେଁ କେବଳ ସାଧାରଣ ବନ୍ଧୁ ବୋଲି କହି ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିଛନ୍ତି, ମାତ୍ର ପୁଲିସ ହାତରେ ଲାଗିଥିବା କଲ୍ ରେକର୍ଡର ସତ୍ୟତା କିଛି ନୂଆ ମୋଡ ନେଇଛି । ବର୍ତ୍ତମାନ ମୁଖ୍ୟ ଅଭିଯୁକ୍ତ ଓଏଏସ୍ ପ୍ରେମିକ ଫେରାର୍ ଥିବାରୁ ବାରଙ୍ଗ ପୁଲିସ ତାଙ୍କ ବାପାଙ୍କୁ ଅଟକ ରଖି ପଚରାଉଚରା କରୁଛି । ଉଲ୍ଲେଖଯୋଗ୍ୟ ଯେ, ଅଭିଯୁକ୍ତ ଓଏଏସ୍ ବାବୁଙ୍କ ବାପା ଜଣେ ପୁଲିସ କନଷ୍ଟେବଲ୍ ଏବଂ ସେ ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାର ଏକ ଥାନାରେ କାର୍ଯ୍ୟରତ ଅଛନ୍ତି । ପ୍ରେମ ପ୍ରତାରଣା ଏବଂ ତ୍ରିକୋଣୀୟ ପ୍ରେମ କାହାଣୀ ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହେଉଥିବା ବେଳେ, ପୁଲିସ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

- ନୂଆ ପ୍ରେମିକ ଓ ତାଙ୍କ ବାପାଙ୍କୁ କରାଗଲା ଜେରା
- ଭାଇ ଆଗରେ ବଡ଼ ଖୁଲାସା କରିଥିଲେ ଚନ୍ଦ୍ରିକା; ହତ୍ୟା ଅଭିଯୋଗ ଆଣିଲେ ପରିବାର
- ତ୍ରିଶୂଳିଆରେ ଶେଷ ୧୦ମିନିଟ୍ କଲ୍ ରେକର୍ଡିଂରୁ ପୁଲିସ ପାଇଛି ମୃତ୍ୟୁର ରହସ୍ୟ

ସକାଳ
THE SAKALA



## ଯୁବତୀଙ୍କ ଗାଧୋଇବା ବେଳର ଫଟୋ ଉଠାଇ ଯୁବକ ଗିରଫ

ସାଲେପୁର,୮।୬(ସମିସ): ସାଲେପୁର ଥାନା ପାଟପୁର ଗ୍ରାମରେ ଜଣେ ୨୫ ବର୍ଷୀୟା ଯୁବତୀ ନଳକୂପରେ ଗାଧୋଉଥିବା ବେଳେ ମୋବାଇଲ୍‌ରେ ଫଟୋ ଉଠାଉଥିବା ଅଭିଯୋଗରେ ସ୍ଥାନୀୟ ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଉକ୍ତ ଗ୍ରାମର ଦୀପକ କୁମାର ଗାୟା (୪୩)। ଫଟୋ ଉଠାଇବା ସମୟରେ ପରିବାର ଲୋକେ ଦେଖିଦେବାରୁ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲା। ଏନେଇ ଯୁବତୀଙ୍କ ଲିଖିତ ଏତଲା ଭିତ୍ତିରେ ସାଲେପୁର ଥାନାରେ ୩୫୨/୨୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

## ଅବସର ପରେ ସେନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ସାଲେପୁର,୮।୬(ସମିସ): ଭାରତୀୟ ବାୟୁସେନାରେ ଦୀର୍ଘ ୩୭ ବର୍ଷ ସେବା କରି ଏମ୍.ଡବ୍ଲୁ.ଓ ଭାବେ ହାଇଦ୍ରାବାଦରୁ ଅବସର ନେଇଥିବା ଜଳହରି ଗ୍ରାମର ସେନା ଅଧିକାରୀ ଅଜୟ କୁମାର ପରିଡ଼ାଙ୍କୁ ଗାଁରେ ଭବ୍ୟ ସ୍ୱାଗତ କରାଯାଇଛି। ଆଜି ସେ ଜନ୍ମମାଟିରେ ପହଞ୍ଚିବା ପରେ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ସରୋଜ କୁମାର ରାଉଳ, ପତ୍ନୀ ପୁଷ୍ପାଞ୍ଜଳି ପରିଡ଼ା ଓ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ବାଣ, ବାଜା ସହ ଏକ ଶୋଭାଯାତ୍ରାରେ ତାଙ୍କୁ ଗାଁ ପ୍ରବେଶ ପଥରୁ ନିଜ ଘରକୁ ପାଛୋଟି ନେଇଥିଲେ। ଏହି ଗୌରବମୟ ମୁହୂର୍ତ୍ତ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଭତ୍ତା ପାଇଁ ଆଜିଠାରୁ ଜନପ୍ରତିନିଧି ଓ ହିତାଧିକାରୀଙ୍କ ଗଣଧାରଣା



ତିଗିରିଆ,୮।୬(ସମିସ): ତିଗିରିଆ ବ୍ଲକର ୧୪ଟି ପଞ୍ଚାୟତର ପ୍ରାୟ ୪ ହଜାରରୁ ଅଧିକ ବୃଦ୍ଧ ଓ ଭିନ୍ନକ୍ଷମ ହିତାଧିକାରୀ ଗତ ଦୁଇ ମାସ (ଏପ୍ରିଲ ଓ ମେ) ଧରି ଭତ୍ତା ଟଙ୍କା ପାଇ ନ ଥିବାରୁ ଆସନ୍ତାକାଲି ସକାଳ ୮ ଟାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଅନୁଷ୍ଠିତ ହେବ। ପୂର୍ବରୁ ବିଡ଼ିଓଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଜନପ୍ରତିନିଧି ଓ ହିତାଧିକାରୀମାନେ ମିଳିତ ଭାବେ ଏହି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏନେଇ ଆଜି ଜିଲ୍ଲା ପରିଷଦ ସଞ୍ଜୟ ମଲ୍ଲିକ ଓ ସରପଞ୍ଚ ପ୍ରଶାନ୍ତ ରାଉତ ପ୍ରମୁଖ ଉପଜିଲ୍ଲାପାଳ, ବିଡ଼ିଓ ଏବଂ ତିଗିରିଆ ପୁଲିସକୁ ଲିଖିତ ଭାବେ ଅବଗତ କରାଇଛନ୍ତି।

## ବ୍ୟାଙ୍କ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସାଲେପୁର,୮।୬(ସମିସ): ସାଲେପୁର ବ୍ଲକ ରାମେଶ୍ୱରସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖାର ବରିଷ୍ଠ କର୍ମଚାରୀ ସେକ୍ ଅମିନ୍ ଗାଜିଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ଶ୍ରୀତିକଣ୍ଠ ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବ୍ୟାଙ୍କ ୟୁନିୟନ ସଭାପତି ପ୍ରୀତମ ପୁହାଣ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସହକାରୀ ଶାଖା ପରିଚାଳକ ରାଜେନ୍ଦ୍ର କୁମାର ବସନ୍ତରାୟ, ସିଦ୍ଧାର୍ଥ ନନ୍ଦ, ଦିଲ୍ଲୀପ ସାହୁ ଏବଂ ଅତିରିକ୍ତ ପରିଚାଳକ ବିଶ୍ୱଜିତ୍ ସେଠୀଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ରହି ଅବସରପ୍ରାପ୍ତ କର୍ମଚାରୀ ଶ୍ରୀ ଗାଜିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଜଲି ଭେନେଲି ହେମ୍ବ୍ରମ୍ ଧନ୍ୟବାଦ ଦେଇଥିଲେ।

### ନିଶ୍ଚିନ୍ତକୋଇଲି, ଆଠଗଡ଼ରେ କାଳବୈଶାଖୀର ତାଣ୍ଡବ

# ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ବ୍ୟାପକ କ୍ଷୟକ୍ଷତି

■ ଦୁଇ ଦିନ ହେବ ବିଦ୍ୟୁତ୍ ସେବା ଠପ୍



ନିଶ୍ଚିନ୍ତକୋଇଲି,୮।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ରବିବାର ଓ ସୋମବାର କ୍ରମାଗତ ଦୁଇ ଦିନ ଧରି କାଳବୈଶାଖୀ ପ୍ରଳୟଙ୍କରୀ ରୂପ ଦେଖାଇଛି। ପ୍ରତିଦିନ ପୂର୍ବାହ୍ନ ୫ଟାରୁ ୬ଟା ପର୍ଯ୍ୟନ୍ତ ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସମଗ୍ର ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଝଡ଼ ସମୟରେ ପ୍ରବଳ ବେଗରେ ପବନ ବହିବା ସହ ବର୍ଷା, ଘଡ଼ଘଡ଼ି ଏବଂ ଛୋଟ ଛୋଟ କୁଆପଥର ମାଡ଼ ହୋଇଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷକରି ଏହି ବ୍ଲକର ବରାଦୋ, ଜିଗ୍ନିପୁର, ଫଗୋଳ, ଜୟରାମପୁର, ରାମକୃଷ୍ଣପୁର, ନତକାଇ, ବଡକ୍ଷୀର, ନିଶ୍ଚିନ୍ତକୋଇଲି, ବୁହାଲୋ, ସରପଡ଼ା, କେନ୍ଦୁପାଟଣା ଏବଂ କୋଲଣପୁର ଆଦି ପଞ୍ଚାୟତରେ କାଳବୈଶାଖୀର ସବୁଠାରୁ ଅଧିକ ପ୍ରଭାବ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ମୁତାବକ, ପବନ ଯୋଗୁଁ ରାସ୍ତା ପାର୍ଶ୍ୱରେ ଥିବା ଅନେକ ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିବାରୁ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ଘଣ୍ଟାପ୍ରତି ତୀବ୍ର ବେଗରେ ପବନ ବହିବା ଯୋଗୁଁ ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ଯାଇଛି ଏବଂ ତାର ଛିଣ୍ଡି ପଡ଼ିଛି। ବିଦ୍ୟୁତ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବାରୁ ଅନେକ ଗ୍ରାମ ଗତ ଦୁଇ ଦିନ ହେବ ଅନ୍ଧାରରେ ରହିଛି। ସେହିପରି ପ୍ରବଳ ଘଡ଼ଘଡ଼ି ଯୋଗୁଁ ଅଞ୍ଚଳର ବହୁ ବାସିନ୍ଦାଙ୍କ ଘରେ ଥିବା ଏସି, ପଙ୍ଖା, ଟିଭି, ଫ୍ରିଜ୍ ଭଳି ମୂଲ୍ୟବାନ ବୈଦ୍ୟୁତିକ ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଜନସାଧାରଣ ପ୍ରଶାସନ ନିକଟରେ ତୁରନ୍ତ ଏହି ବ୍ୟାପକ କ୍ଷୟକ୍ଷତିର ସରକାରୀ ଆକଳନ କରି କ୍ଷତିଗ୍ରସ୍ତ ଲୋକ ଓ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

■ ଆଠଗଡ଼

ଆଠଗଡ଼ରେ ସୋମବାର ଅପରାହ୍ନରେ କାଳବୈଶାଖୀ ଜନିତ ଝଡ଼ତୋଫାନ ପ୍ରବଳ ତାଣ୍ଡବ ରଚିଛି। ଝଡ଼ ପବନ ଯୋଗୁଁ ସରକାରୀ ବାଳିକା ବିଦ୍ୟାଳୟର ପୁରାତନ ଗଛ ଉପୁଡ଼ି ପାଚେରୀ ଭାଙ୍ଗିଯିବା ସହ ଶୈଳେନ୍ଦ୍ର ନାରାୟଣ ଦାସଙ୍କ ଘର ଉପରେ ପଡ଼ିଛି। ଏଥିରେ ଏକ କାର୍ ଯାତ୍ରୀ ଅଳ୍ପକେ ରକ୍ଷା ପାଇଛନ୍ତି। ଉପରସାହିରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଥିବା ବେଳେ ଆଠଗଡ଼-କୁଲାଇଲୋ ମୁଖ୍ୟ ରାସ୍ତାରେ ଅନେକ ଗଛ ପଡ଼ି ବହୁ ଉଠାଦୋକାନୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଅଗ୍ନିଶମ ବାହିନୀ ଗଛ କାଟି ରାସ୍ତା ସଫା କରିଥିବା ବେଳେ ବିଦ୍ୟୁତ ବିଭାଗ ସେବା ସ୍ୱାଭାବିକ କରିବା ପାଇଁ ଚେଷ୍ଟା ଜାରି ରଖିଛି, ତେବେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସରବରାହ ବନ୍ଦ ରହିଛି।



### ବଡ଼ମ୍ବାରେ ବାହୁଡ଼ା ଯାତ୍ରା ପ୍ରସ୍ତୁତି

## ନୂତନ କର୍ମକର୍ତ୍ତା ନିର୍ବାଚିତ



ବଡ଼ମ୍ବା,୮।୬(ସମିସ): ବଡ଼ମ୍ବା ସଦର ମହକୁମା ଅନ୍ତର୍ଗତ ବଡ଼ଦାଣ୍ଡସାହିରେ ଚଳିତ ବର୍ଷ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ବାହୁଡ଼ାଯାତ୍ରା ଉତ୍ସବକୁ ଅତି ଧୁମ୍‌ଧାମ୍ ଓ ଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜସେବୀ ଅନିଲ କୁମାର ରଣାଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ବଡ଼ମ୍ବା ନିଜିଗଡ଼ର ବିଭିନ୍ନ ସାହିର ବୁଦ୍ଧିଜୀବୀ, ସମାଜସେବୀ ଓ ଯୁବକମାନେ ଏକତ୍ରିତ ହୋଇ ଆଲୋଚନାରେ ଭାଗ ନେଇଥିଲେ। ବରିଷ୍ଠ ନାଗରିକ ତଥା ସମାଜସେବୀ ମୁରଲୀଧର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଜୁଲାଇ ମାସ ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ବାହୁଡ଼ାଯାତ୍ରା ଉତ୍ସବକୁ ମହାଆଡ଼ମ୍ବର ସହ ପାଳନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ପାରମ୍ପରିକ ଲୋକକଳା, ଓଡ଼ିଶୀ ନୃତ୍ୟ ସହିତ ରାଜ୍ୟର ନାମୀଦାମୀ କଳାକାରଙ୍କ ଦ୍ୱାରା ଭବ୍ୟ ଭଜନ ସମାରୋହ ଆୟୋଜନ କରାଯିବ। କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଏକ ନୂତନ କମିଟି ଗଠନ କରାଯାଇଛି। ଏଥିରେ ସର୍ବସମ୍ମତି କ୍ରମେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ବିରଞ୍ଚି ନାରାୟଣ ମିଶ୍ରଙ୍କୁ ସଭାପତି, ରାଜକିଶୋର ରଣାଙ୍କୁ ସମ୍ପାଦକ ଏବଂ ବିଶ୍ୱରଞ୍ଜନ ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି। ସେହିପରି ଉତ୍ସବର ମାର୍ଗଦର୍ଶନ ପାଇଁ ଏକ ବରିଷ୍ଠ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ଏହି ମଣ୍ଡଳୀରେ ମୁରଲୀଧର ମହାପାତ୍ର, ସନ୍ତୋଷ ପଟ୍ଟନାୟକ, ସରୋଜ ପଟ୍ଟନାୟକ, ବୃନ୍ଦାବନ ପରିଡ଼ା, ମହେନ୍ଦ୍ର ପଡ଼ିଆରୀ, ରବିନାରାୟଣ ମିଶ୍ର, କିଶୋର ମୋହନ ମିଶ୍ର, ଶିବନାରାୟଣ ମିଶ୍ର, ବିଭୁଦତ୍ତ ମିଶ୍ର, ରମେଶ ଚନ୍ଦ୍ର ବେହେରା, ସନ୍ତୋଷ ମହାରଣା, ଗୋବିନ୍ଦ ଚନ୍ଦ୍ର ସିଂହସାମନ୍ତ, ଗଗନ ବିହାରୀ ରଣା, ଖଗେଶ୍ୱର ମିଶ୍ର ଏବଂ ଶାନ୍ତନୁ ମହାପାତ୍ର ପ୍ରଭୃତିଙ୍କୁ ସାମିଲ କରାଯାଇଛି। ବୈଠକ ଶେଷରେ ଯୁବ ସଂଗଠକ ରାକେଶ ଦାସ ସମସ୍ତ ଉପସ୍ଥିତ ସଭ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

## ବିପଦସଂକୁଳ ବିଦ୍ୟୁତ୍ ଖୁଣ୍ଟ ହଟାଇବାକୁ ଦାବି

ନିଶ୍ଚିନ୍ତକୋଇଲି,୮।୬(ସମିସ): ନିଶ୍ଚିନ୍ତକୋଇଲି ବିଦ୍ୟୁତ ସବ୍‌ଡିଭିଜନ ଅଧୀନ ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ମଲ୍ଲିକ ସାହି ପାଖରେ ଏକ ବିଦ୍ୟୁତ ଖୁଣ୍ଟ ବିପଦ ସଂକୁଳ ଅବସ୍ଥାରେ ରହିଛି। ସ୍ଥାନୀୟ ଅଧିବାସୀ ଏହି ଖୁଣ୍ଟକୁ ଉଠାଇ ଏଠାରେ ଏକ ନୂଆ ଖୁଣ୍ଟ ପକାଇବା ନିମନ୍ତେ ବାରମ୍ବାର ବିଭାଗୀୟ କର୍ମଚାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଲୁହା ଖୁଣ୍ଟର ମୂଳ ସଂପୂର୍ଣ୍ଣ କଳଙ୍କି ଖାଇ ନଷ୍ଟ ହୋଇଯିବା ସାଙ୍ଗକୁ ଏକ ଟ୍ରାକ୍ଟର ଧକ୍କାରେ ମଧ୍ୟ ବଙ୍କା ହୋଇଯାଇଛି। ଯାହାଦ୍ୱାରା ବିଦ୍ୟୁତ ତାର ତଳକୁ ଝୁଲି ରହିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ କାଳବୈଶାଖୀ ଜନିତ ପବନ ବର୍ଷା ଘନ ଘନ ହେଉଥିବା ବେଳେ କେତେ ବେଳେ ଯେ ଖୁଣ୍ଟଟି ଲୋକଙ୍କ ଉପରେ ପଡି ଅଘଟଣ ଘଟାଇବ ସେ ନେଇ ଆଶଙ୍କା ପ୍ରକାଶ ପାଇଛି। ବ୍ଲକ ଛକରୁ ରାଉତ ସାହି ଯାଇଥିବା ମୁଖ୍ୟ ରାସ୍ତା ପାଶ୍ୱରେ ଏହି ଖୁଣ୍ଟଟି ରହିଥିବାରୁ ଲୋକମାନେ ଏହି ରାସ୍ତା ପଟେ ଯିବା ପାଇଁ ଭୟ କରୁଛନ୍ତି। ତୁରନ୍ତ ଉକ୍ତ ବିପଦ ସଂକୁଳ ବିଦ୍ୟୁତ ଖୁଣ୍ଟକୁ ଉଠାଇ ଏଠାରେ ଏକ ନୂତନ ଖୁଣ୍ଟ ପକାଇବା ନିମନ୍ତେ ବସ୍ତିବାସିନ୍ଦା ଦାବି କରିଛନ୍ତି।



## ରୋଧପୁର ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ




ସାଲେପୁର,୮।୬(ସମିସ): ସାଲେପୁର କଲେଜ ପଡ଼ିଆଠାରେ ରୋଧପୁର ଇଲେଭେନ୍ ଷ୍ଟାର୍ କ୍ଲବ୍ ପକ୍ଷରୁ ଆୟୋଜିତ ଚିତ୍ତରଞ୍ଜନ ଓ ଜୀବନ ଜ୍ୟୋତି ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚରେ ଶିବାନଶ ଇଲେଭେନ୍ ପୁରୀକୁ ହରାଇ ସିଆରଏନ ଇଲେଭେନ ତାଳଚେର ଟିମ୍ ଚମ୍ପିୟାନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଟିମ୍‌କୁ ଟ୍ରଫି ସହ ନଗଦ ୫୦ ହଜାର ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କାର ଦେଇଥିଲେ। ଏହି ଅବସରରେ ତ୍ରିଦେବ ବେହେରା, ହରିବନ୍ଧୁ ଶତପଥୀ, ଆଇଆଇସି ମହେଶ୍ୱର ବେହେରା ଓ ମିହିର ଦାସ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଖେଳର ସିଧା ପ୍ରସାରଣ "କ୍ରିକେଟ ବାଣୀ' ୟୁଟ୍ୟୁବ ଚ୍ୟାନେଲରେ କରାଯାଇଥିଲା।

**ସିଆରଏନ୍ ଇଲେଭେନ୍ ତାଳଚେର ଚାମ୍ପିଅନ**

## ନରସିଂହପୁରରେ ଜିଲ୍ଲାପାଳଙ୍କ ଜନଶୁଣାଣି

### ୧୨୩ ଅଭିଯୋଗରୁ ୪୯ ଟିର ତତ୍କାଳ ସମାଧାନ



ନରସିଂହପୁର,୮।୬(ସମିସ): ନରସିଂହପୁର ବ୍ଲକ କାର୍ଯ୍ୟାଳୟଠାରେ ଆଜି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓସାହେବ ସିନ୍ଦେ ଓ ଗ୍ରାମାଞ୍ଚଳ ଏସପି ବିନିତ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୨୩ଟି ଅଭିଯୋଗ ପତ୍ର ମଧ୍ୟରୁ ୪୯ଟି ସମସ୍ୟାର ତୁରନ୍ତ ସମାଧାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଓ ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା ଦିଆଯିବା ସହ ୧୮ ଜଣ ଭିନ୍ନକ୍ଷମ ଓ ୧୫ ଜଣଙ୍କୁ ବିଭିନ୍ନ ସରକାରୀ ଭତ୍ତା ପ୍ରଦାନ କରାଯାଇଛି। ଏହି ଶିବିରରେ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବିଡିଓ ପ୍ରଜ୍ଞାନନ୍ଦ ଶତପଥୀ ଓ ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


## ଏସଆଇଆର୍ କାର୍ଯ୍ୟକ୍ରମର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ

ଚୌଦ୍ୱାର,୮।୬(ସମିସ): ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକା ସଘନ ସଂଶୋଧନ-୨୦୨୬ (ଏସଆଇଆର) କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ବୁଥ୍‌ସ୍ତରୀୟ ସର୍ଭେର ସମୀକ୍ଷା କରାଯାଇଛି। ମୁଖ୍ୟ ବିକାଶ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଓ ପୌରନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର କ୍ଷେତ୍ରସ୍ତରରେ ବିଏଲଓ ମାନଙ୍କ ଦ୍ୱାରା ଚାଲିଥିବା ଘରକୁ ଘର ସର୍ଭେ ଓ ଫର୍ମ ସଂଗ୍ରହ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ପୌରପାଳିକାର ୩୭ଟି ବୁଥ୍‌ରେ ଥିବା ୩୩,୫୬୬ ଜଣ ମତଦାତାଙ୍କ ମଧ୍ୟରୁ ଏ ପର୍ଯ୍ୟନ୍ତ ୮,୦୦୭ ଜଣଙ୍କୁ ଏନ୍ୟୁମେରେସନ ଫର୍ମ ବଣ୍ଟାଯାଇଛି। ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ସମସ୍ତ ଯୋଗ୍ୟ ନାଗରିକ ଏହି ପ୍ରକ୍ରିୟାରେ ସହଯୋଗ କରିବାକୁ ଶ୍ରୀ ନାୟକ ଅନୁରୋଧ କରିଛନ୍ତି।

# ବେଲିଆପାଳ ଗ୍ରାମ୍ୟ ରାସ୍ତା ନିର୍ମାଣରେ ଅନିୟମିତତା

ବଡ଼ମ୍ବା,୮।୬(ସମିସ)

■ ମାପ କରାଯାଇ ସରକାରୀ ଜାଗା ବାହାର କରାଯାଉନି



ବଡ଼ମ୍ବା ବ୍ଲକ ବେଲିଆପାଳ ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣାଧୀନ ରାସ୍ତା କାମରେ ଅନିୟମିତତା ହେଉଥିବାର ଅଭିଯୋଗ ହୋଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆଜକୁ ପ୍ରାୟ ଏକ ମାସ ଧରି ଜଣେ ଠିକାଦାର ବିନା ସୂଚନାଫଳକରେ କରୁଥିବାର ଦେଖିବାକୁ ମିଳିଛି। ଏହି ରାସ୍ତା କାମ ଏବେ ଶେଷ ପର୍ଯ୍ୟାୟରେ ରହିଛି ମାତ୍ର ଆଜି ପର୍ଯ୍ୟନ୍ତ ଠିକାଦାରଙ୍କୁ ଛାଡି କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନଥିବାରୁ ରାସ୍ତାକାମରେ ସ୍ୱଚ୍ଛତାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ସୂଚନା ମୁତାବକ, କଟକ-ନରସିଂହପୁର ୬୫ନଂ ରାଜ୍ୟ ରାଜପଥର ବେଲିଆପାଳ ଗ୍ରାମ ନିକଟସ୍ଥ କେନ୍ଦୁଛକ ଛକର ବାମ ପାର୍ଶ୍ୱରୁ ୮୦୦ରୁ ୯୦୦ ମିଟର ଗ୍ରାମ୍ୟ ଉନ୍ନୟନ ରାସ୍ତା ୨୪ ଫୁଟ ଦେଇ ଯିବାର ପ୍ରସ୍ତାବ ରହିଛି। ମାତ୍ର ଏହି ରାସ୍ତାଟି ପୂର୍ବରୁ ୧୦ ଫୁଟ ଥିଲା ଏବେ ୨୪ ଫୁଟ ହେଉଛି। ସେଥିରୁ ୧୮ ଫୁଟ ପିଚୁ ରାସ୍ତା ଓ ରାସ୍ତାର ଉଭୟ ପାର୍ଶ୍ୱରେ ୬ ଫୁଟର ପାଦଚଲା ରାସ୍ତା ରହିବାର ବ୍ୟବସ୍ଥା ରହିଛି। ସେହିପରି ରାସ୍ତାର ଡାହାଣ ପାର୍ଶ୍ୱରେ ୧୫୦ ମିଟର ଡ୍ରେନେଜ ଥିବା ବେଳେ ମାତ୍ର ୩୦ ମିଟର ଲୋକଙ୍କ ରେକର୍ଡଭୁକ୍ତ ଜାଗା ଉପରେ ଯାଇଛି। ପୂର୍ବରୁ ଥିବା ପଞ୍ଚାୟତ ସମିତି ଡ୍ରେନେଜକୁ ମିଶାଇ କି ଏହି ଡ୍ରେନେଜକୁ କରାଯାଇଛି ଯାହାକି ଅତି ନିମ୍ନମାନର ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ମୁଖ୍ୟରାସ୍ତାରୁ ବାମପାର୍ଶ୍ୱରେ ବେଲିଆପାଳ ଗ୍ରାମର ସରକାରୀ ଭୁକ୍ତ ଜାଗାକୁ ଛାଡି ଲୋକଙ୍କ ରେକର୍ଡ ଥିବା ଜାଗାରେ ରାସ୍ତାକୁ ନିଆଯାଉଛି ଓ ରାସ୍ତାର ପୁରୁଣା ପିଚୁକୁ ତାଡି ଦେଇ ପଥର ଗୁଣ୍ଡ ମିଶ୍ରିତ ପଥରକୁ ପକାଇ ରୋଲିଙ୍ଗ କରି ପିଚୁ ପକାଇବା ପ୍ରସ୍ତୁତି ଚାଲିଛି। ସେହିପରି ଅଧିକାଂଶ ସ୍ଥାନରେ ଜମି ଅଭାବରୁ ଫୁଟପାଥ ଓ କଲଭର୍ଟ ନିର୍ମାଣ କରାଯାଉନାହିଁ। ଏଥିନେଇ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ପଚାରିବାରେ 'ଯେଉଁ ଲୋକ ସରକାରୀ ଜାଗାରେ ଅଛନ୍ତି ତାଙ୍କୁ ଆମେ ବାହାର କରିପାରିବୁ ନାହିଁ ବୋଲି କହିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ମାପ କରାଯାଇ ସରକାରୀ ଜାଗାରେ ରାସ୍ତା ନେବାର ଆବଶ୍ୟକତା ଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାର ଜନସାଧାରଣଙ୍କ ଅଭିଯୋଗକୁ କର୍ଣ୍ଣପାତ ନ କରି ଅତି ତରବରିଆ ଭାବେ ରାସ୍ତା କାମ ଶେଷ କରିବା ଉଦ୍ୟମ ଜାରି ରହିଛି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ରକ୍ତଦାନ କଲେ ଟେଟ୍ରାହେଡ୍ରନ୍ କର୍ମଚାରୀ

ଟାଙ୍ଗୀ,୮।୬(ସମିସ): ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ କଟକ ଜିଲା ଟାଙ୍ଗୀ ସ୍ଥିତ ଟେଟ୍ରାହେଡ୍ରନ୍ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ନୂଆ କ୍ୟାମ୍ପସ ପରିସରରେ ଟେଟ୍ରାହେଡ୍ରନ୍ ଏଜୁକେସ୍‌ନାଲ ଟ୍ରଷ୍ଟ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ରେଡକ୍ରସର ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକଙ୍କ ପୌରହିତ୍ୟରେ ଏବଂ ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ଛାତ୍ରୀଛାତ୍ରଙ୍କ ସମେତ ଟେଟ୍ରାହେଡ୍ରନର ସମସ୍ତ କର୍ମଚାରୀ ୧୬୭ ୟୁନିଟ୍ ରକ୍ତଦାନ କରି ନୂତନ ପରିଚୟ ପ୍ରଦାନ କରିଛନ୍ତି। ମୁଖ୍ୟ ଅତିଥିଭାବେ କଟକ ଜିଲ୍ଲା ବିଜେପି ଗ୍ରାମୀଣ ପ୍ରଭାରୀ କିଶୋର ଚନ୍ଦ୍ର ପଣ୍ଡା, ଅନ୍ୟତମ ଅତିଥିଭାବେ ଟାଙ୍ଗୀ ମଣ୍ଡଳ ସଭାପତି ହୃଷିକେଶ ସାମଲ, ଜରିପଡ଼ା ସରପଞ୍ଚ ପ୍ରତିନିଧି ଅମନ ବେଉରା, ଯୁବ ସାମାଜିକ କର୍ମୀ ବିଶ୍ୱଜିତ୍ ଆଞ୍ଚଲ, ଟେଟ୍ରାହେଡ୍ରନ ସିବିଏସସି ପ୍ରିନ୍ସିପାଲ୍ ବିକାଶ ରଞ୍ଜନ ମହାପାତ୍ର, ଶୁଭ୍ରକାନ୍ତ ମହାପାତ୍ର ଟେଟ୍ରାହେଡ୍ରନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପାଧ୍ୟକ୍ଷ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ର କଟକର ଚିକିତ୍ସକଙ୍କ ସହ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଆଗାମୀ ଦିନ ପ୍ରତିମାସରେ ଜିଲା ରେଡକ୍ରସର ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକ ସହଯୋଗରେ ପ୍ରତି ପଞ୍ଚାୟତର କ୍ଲବ ମାଧ୍ୟମରେ ରକ୍ତଦାନ ଶିବିର କରିବେ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ ବେହେରା ଗଣମାଧ୍ୟମରେ ସୂଚନା ଦେଇଛନ୍ତି।

**୧୬୭ ୟୁନିଟ ରକ୍ତ ସଂଗୃହୀତ**



